SAMBAD
ସମ୍ବାଦ
Largest circulated odia daily




ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା, ବନ୍ୟା ପାଇଁ ଓଡ଼ିଶାକୁ ୨୦୦ କୋଟି ଟଙ୍କା ଦେବାକୁ ପ୍ରଧାନ

ତାରିଖ : ୨୮/୮/୨୦୦୬

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଘୋଷଣା ୨୦୦ ଏକର ଜମି ଉପରେ ପ୍ରତିଷ୍ଠାନ ନିର୍ମାଣ ହେବ ...

## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଘୋଷଣା ୨୦୦ ଏକର ଜମି ଉପରେ ପ୍ରତିଷ୍ଠାନ ନିର୍ମାଣ ହେବ

ଭୁବନେଶ୍ୱର, (ଇମିସ): ଓଡିଶାବାସୀଙ୍କ ଆଶଙ୍କାର ଅବସାନ ଘଟାଇ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆଇଏସ୍‌ଇଆର୍) ପ୍ରତିଷ୍ଠା ହେବ ବୋଲି ପ୍ରଧାନମନ୍ତ୍ରୀ ଡକ୍‌ଟର ମନମୋହନ ସିଂହ ଗତକାଲି ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି ।

ସ୍ଥାନୀୟ 'ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ'ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଘୋଷଣା କରି ପ୍ରଧାନମନ୍ତ୍ରୀ କହିଲେ ଯେ କେନ୍ଦ୍ର ସରକାର ଓଡିଶାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପୂରଣ କରିଛନ୍ତି । ଏହି ପ୍ରତିଷ୍ଠାନ ଗବେଷଣା ଓ ଉଚ୍ଚ ଶିକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବ । ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରେ ଏନ୍‌ଆଇଏସ୍‌ଇଆର୍ କାର୍ଯ୍ୟ ଆରମ୍ଭ କରିବ । ଜାତୀୟ ସ୍ତରରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ବିଶ୍ୱ ସ୍ତରୀୟ ସ୍ୱନାମଧନ୍ୟ ବୈଜ୍ଞାନିକମାନେ ଏଠାରେ ଅଧ୍ୟାପନା କରୁଛନ୍ତି । ଏନ୍‌ଆଇଏସ୍‌ଇଆର୍ ପ୍ରଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ସହିତ କାର୍ଯ୍ୟ କରିବା ଦ୍ୱାରା ଏକ ସ୍ୱତନ୍ତ୍ର ପରଂପରା ସୃଷ୍ଟି କରିବ ଓ ବିଜ୍ଞାନ ଛାତ୍ରମାନଙ୍କୁ ଆକର୍ଷିତ କରିବ । ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ଭଳି ଏନ୍‌ଆଇଏସ୍‌ଇଆର୍ ଆଣବିକ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରିବ । ଏଠାରେ ଯୁକ୍ତ ଦୁଇ ପରେ ପାଂଚ ବର୍ଷିଆ ସ୍ନାତକୋତ୍ତର ପାଠ୍ୟକ୍ରମ ଓ ସ୍ନାତକ ପରେ ଏମ୍‌ଏସ୍‌ସି -ପିଏଚ୍‌ଡି ସମନ୍ୱିତ ପାଠ୍ୟକ୍ରମ ପ୍ରଚଳନ ହେବ । ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଅତି ଉନ୍ନତମାନର ବୈଜ୍ଞାନିକ ଜ୍ଞାନ କୌଶଳ ଉପରେ ତାଲିମ ଦିଆଯିବ ଓ ଏମାନେ ଦେଶର ବିଭିନ୍ନ ସ୍ଥାନରେ ସିଧାସଳଖ ନିଯୁକ୍ତି ପାଇବେ । ଛାତ୍ରଛାତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମରେ ଓଡିଶାର ପ୍ରାକୃତିକ ସଂପଦ ଉପରେ ବିଶେଷ ଶିକ୍ଷା ଦାନ ପାଇଁ ସୁବନ୍ଦୋବସ୍ତ ହେବ । ସୁଯୋଗ ଓ ପାଠ୍ୟକ୍ରମ ଦ










ବିତର୍କ/ମତାମତ ସଂଗ୍ରହ

**ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କେବିକେକୁ ନେଇ ଚାଲିଥିବା ଟଣାଓଟରାର ଅନ୍ତ ଘଟାଇବ କି?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

**News letter**

ଷ୍ଟିରୁ ଏହା ଭାରତର ସର୍ବୋତ୍ତମ ଅନୁଷ୍ଠାନ ହେବ । ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ଭଳି ଏଠାରେ ଗବେଷଣା ଶିକ୍ଷା ପ୍ରଦାନ କରାଯିବ । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଆଧୁନିକ ଜୀବ ବିଜ୍ଞାନ ଓ ପରିବେଶ ବିଜ୍ଞାନ ସହିତ ବିଜ୍ଞାନର ନୂତନ ଶାଖା ଉପରେ ଏଠାରେ ବିଶ୍ୱ ସ୍ତରୀୟ ଗବେଷଣା ବ୍ୟବସ୍ଥା ହେବ । ଖୁବ୍ ଶୀଘ୍ର ପ୍ରତିଷ୍ଠାନ କାର୍ଯ୍ୟ ଆରମ୍ଭ କରିବ ଓ ଆଣବିକ ଶକ୍ତି ବିଭାଗର ଏହା ସମ୍ବଳ ଭାବେ କାର୍ଯ୍ୟ କରିବ । ଏଠାରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ସହ ଛାତ୍ରମାନଙ୍କ ପାଇଁ ଉପଯୁକ୍ତ ଷ୍ଟାଇପେଣ୍ଡ ବ୍ୟବସ୍ଥା ରହିବ । ଗବେଷଣା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସୁଯୋଗ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ଜୀବ ବିଜ୍ଞାନ ପାଠ୍ୟକ୍ରମ ଅବସ୍ଥାପିତ ବ୍ୟବସ୍ଥା ଓ ନୂଆ ବ୍ୟବସ୍ଥା ଦ୍ୱାରା ଖୁବ୍ ଶୀଘ୍ର ଆରମ୍ଭ ହେବ । ଏହା ପରେ ଦୁଇ ଶହ ଏକର ଜମି ଉପରେ ଏହାର ସଂପ୍ରସାରଣ ହେବ । ଏହା ସଂପୂର୍ଣ୍ଣ ହେଲେ ବିଜ୍ଞାନର ମକ୍କା ହେବ ଓ ଟିଆଇଏଫ୍ଆର୍ ଓ ଆଇଆଇଏସ୍ ସହ ସମକକ୍ଷ ହେବ । ଏହା ଦେଶ ବିକାଶରେ ସହାୟକ ହେବ ଓ ଓଡିଶା ଯୋଗେଶ ଚନ୍ଦ୍ର ପତିଙ୍କ ଭଳି ବହୁ ବୈଜ୍ଞାନିକଙ୍କୁ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଲେ ଯେ ଦେଶର ତିନି ପ୍ରତିଶତରୁ କମ୍ ବିଦ୍ୟାଳୟ ଛାତ୍ରଛାତ୍ରୀ ବିଜ୍ଞାନକୁ ନିଜ କ୍ୟାରିୟର ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି । ଏଥି ପାଇଁ ବିଦ୍ୟାଳୟ ସ୍ତରରେ ଗଣିତ ଓ ବିଜ୍ଞାନକୁ ଅଧିକ ଆକର୍ଷଣୀୟ କରିବାକୁ ହେବ । ଚାଇନା ଓ ଦକ୍ଷିଣ କୋରିଆ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଧିକ ଅର୍ଥ ବିନଯୋଗ କରୁଛନ୍ତି । ଦେଶରେ ପିଏଚ୍ଡିଧାରୀ ବୈଜ୍ଞାନିକମାନେ ଇଂଜିନିୟର, ଡାକ୍ତର ଓ ମ୍ୟାନେଜ୍ମେଣ୍ଟ ସ୍ନାତକମାନଙ୍କ ଠାରୁ କମ୍ ଦରମା ପାଉଛନ୍ତି । ତେଣୁ ବୈଜ୍ଞାନିକମାନଙ୍କ ଦରମା ଓ ଚାକିରି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି । ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ କହିଲେ ଏନ୍ଡିଏ ସରକାରଙ୍କ ଅମଳରେ ଭୁବନେଶ୍ୱର ସହିତ ଦେଶର ଚାରୋଟି ସ୍ଥାନରେ ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାପନ ପାଇଁ ଘୋଷଣା କରାଯାଇ ଥିଲା । ପରେ ଭୁବନେଶ୍ୱରରେ ଏହା ସ୍ଥାପନ ନେଇ ନିଷ୍ପତ୍ତି ସ୍ଥଗିତ ରହିଲା । ଶିଳ୍ପ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡିଶା ଏବେ ସାରା ପୃଥିବୀର ଅର୍ଥ ବିନିଯୋଗକାରୀଙ୍କୁ ଆକର୍ଷିତ କରିଛି । ପଛୁଆ ଅଂଚଳ ବିକାଶ ଯୋଜନାରେ କେବିକେ କେନ୍ଦ୍ର ସରକାରଙ୍କ ଠାରୁ ୧୨୦ କୋଟି ଟଙ୍କା କମ୍ ପାଇବ । ବିହାରକୁ କେନ୍ଦ୍ରୀୟ ସହାୟତା ରାଶି ବଢାଯାଇ ଥିବା ବେଳେ ଓଡିଶାକୁ ଏହି କ୍ଷେତ୍ରରେ ଅବହେଳା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଥିଲେ । ଉତ୍ସବରେ ରାଜ୍ୟପାଳ ରାମେଶ୍ୱର ଠାକୁର, ଆଣବିକ ଶକ୍ତି ସଚିବ ଡକ୍ଟର ଅନିଲ୍ କାକୋଡକର୍, ପ୍ରଧାନମନ୍ତ୍ରୀ ଦପ୍ତର ରାଷ୍ଟ୍ରମନ୍ତ୍ରୀ ପୃଥ୍ୱୀରାଜ ଚୌହାନ, କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ , ଉଚ୍ଚ ଶିକ୍ଷା ମନ୍ତ୍ରୀ ସମୀର ଦେ ଓ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ୱାଇ.ପି. ନିୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟଖବର

- ପ୍ରବଳ ବର୍ଷା ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପୁନଃନିର୍ଦ୍ଧାରିତ ହୋଇଥିଲା, ବିମାନ ବନ୍ଦରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍ୱାଗତ କରିଥିଲେ । ପରେ ସେ କେନ୍ଦ୍ର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ କୁ ଯାଇଥିଲେ ।
- ମନମୋହନଙ୍କ ଓଡ଼ିଶା ଭେଟି, ପ୍ରଥମ ପର୍ଯ୍ୟାୟ ବନ୍ୟା ସହାୟତା ୨୦୦ କୋଟି
- କେବିକେ ଦୁର୍ନୀତିର ତଦନ୍ତ କରିବେ ଯୋଜନା କମିସନ, ଓଡିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିରବ









ନୂଆଁଖ
ମନୁଆଁ
ହୋଇ

**Newsletter Signup**

Name*

Email*

Subscribe

Unsubscribe

- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ଦୃଶ୍ୟ, ଯାତ୍ରାର ଶବ୍ଦ
- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଘୋଷଣା ୨୦୦ ଏକର ଜମି ଉପରେ ପ୍ରତିଷ୍ଠାନ ନିର୍ମାଣ ହେବ
- ସମୁଦ୍ରୁଣୀ ସହ ଭେଟ, ସାଦା ଭୋଜନ
- ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଲଘୁ କଲା ଲଘୁଚାପ, କେବିକେ ଗସ୍ତ ବି ସନ୍ଦେହରେ
- ଦୁଇଶହ କୋଟିର ଡ୍ରଗ୍ସ ଜଣେ ଗିରଫ
- ଅନ୍ଧାରରେ ରଖିବାକୁ ସରକାରୀ ଉଦ୍ୟମ, ପ୍ରଧାନମନ୍ତ୍ରୀଙ୍କ କେବିକେ ସମୀକ୍ଷା
- ବାଳକର ବେକ, ଆଖିରେ କ୍ଷତ; ବଳି ଦେବାକୁ ନିଆଯାଇଥିଲା
- କଂଗ୍ରେସ ନେତା ରାଗିଲେ, ପ୍ରଧାନମନ୍ତ୍ରୀ ଆସି ବୁଝାଇଲେ
- ମିନିଷ୍ଟର ଲାଲୁପ୍ରସାଦ ଏବେ ପ୍ରଫେସର ସାର୍ !ଆଇଏଏସ୍ ଅଫିସରଙ୍କୁ ପାଠ ପଢ଼ାଇବାକୁ ଯିବେ

ନଇ ଖ
ତ ପା
ଉନା
ଗଛ ତ
ନାଚି

### ଅନ୍ୟାନ୍ୟ ଖବର

- ବିଦ୍ୟାଳୟରେ ତାଲା, ପାଠପଢ଼ାରୁ ଛାତ୍ରଛାତ୍ରୀ ବଂଚିତ

**Site is Under Renovation.**
**The Error Will be Rectified Soon.**

** You can Put your Scrolling Ad's here, for more information contact sambad@orissasambad.com

**Powered by** EML **in Association with** Modulesoft Solution (P) Ltd.
**Copyright © 2006 orissasambad.com**. This Site is Best Viewed by : Internet Explorer in 1024 * 768